Chapter- 4

# କହିବି କଥାଟି

**STUDY NOTES**

## MIND MAP



ନାରୀକବି କୁନ୍ତଳା କୁମାରୀ ସାବତଙ୍କ କବିତା କହିବି କଥାଟି ଯେ ଗୌରବାବହ ସଂସ୍କୃତିର ଆଲେଖ୍ୟ ,ଏଥିରେ ସନ୍ଦେହ ନାହ ।କବୀ ନିଜକୁ ମାଆ ଭୂମିକାରେ ରଖି ଉତ୍କଳ ସନ୍ତାନକୁ ପୂବପୁରୁଷଙ୍କ ଆଦଶରେ ଅନୁପ୍ରାଣିତ ହେବାକୁ ଆହାନ ଦେଇଛନ୍ତି ।ଉତ୍କଳୀୟମାନେ ଯେ ଏକଦା ସମଗ୍ର ଦେଶରେ ନିଜର ବୈଶିଷ୍ଟ ପ୍ରଦଶନ କରି ସମ୍ମାନର ଅଧିକାରୀ ହୋଇଥିଲେ । ଦିନେ ଏହି ଓଡିଶାର ଶିଳ୍ପୀକୁଳ କଳା କୁଶଳତାରେ ଅପୂବ ସଫଳତା ଲାଭ କରିଥିଲେ । ଓଡିଶାର କାରୁକଳା ଶିଳ୍ପୀ ମନ୍ଦିରର ପଥର ଗାତ୍ରରେ ଯେଉଁ କାଳଜୟୀ କଳା ସୃଷ୍ଟି କରିଯାଇଛନ୍ତି ତାହା ଅଦ୍ୟାବଧି ବିଶ ବିଦିତ ହୋଇଛି । ପୁରୀର ଜଗନ୍ନାଥ ମନ୍ଦିର,କୋଣାକର ସୂଯ୍ୟ ମନ୍ଦିର,ଭୁବନେଶରେ ଲିଙ୍ଗରାଜ ମନ୍ଦିର ତାହାର ଜଳନ୍ତ ଉଦାହରଣ।ଭୁବନେଶରର ବିନ୍ଦୁସାଗର ପୁରୀର ନରେନ୍ଦ୍ର ପୋଖରୀ ଓ କଟକର କାଠଯୋଡି ପଥର ବନ୍ଧ ଓଡିଆମାନଙ୍କର ଅକ୍ଷୟ କୀର୍ତ୍ତି । କେବଳ କାରିଗରୀ ନୁହେଁ ବୀରତରେ ମଧ୍ୟ ଓଡିଆ ଜାତିର ସମକକ୍ଷ କେହି ନ ଥିଲେ ।

ସମ୍ରାଟ ମହାମେଘବାହାନ ଖାରବେଳ ,ଗଜପତି ପୁରୁଷୋତ୍ତମ ଦେବ,ଅନଙ୍ଗଭୀମ ଦେବ ଓ କେଶରୀ ବଂଶର ରାଜା ଯଯାତି କେଶରୀ ଆଦିଙ୍କ ବୀରତ ଇତିହାସରେ ଲିପିବଦ୍ଧ ହୋଇରହିଛି।ଆଦିକବି ଶୂଦ୍ରମୁନି ସାରଳା ଦାସ,ଅତିବଡି ଜଗନ୍ନାଥ ଦାସ, କବିସମ୍ରାଟ ଉପେନ୍ଦ୍ରଭଞ୍ଜ ,ବିଦଗ୍ଧ କବି ଅଭିମନ୍ୟୁସାମନ୍ତସିଂହାର ଆଦି କବିମାନଙ୍କ ପରି ଭାଷା ସାହିତ୍ୟର ଉତ୍ତର ଦାୟାଦ ରୂପେ ସାଧନାରେ ବ୍ରତୀ ହେବାକୁ କବୀ ଆହାନ ଦେଇଛନ୍ତି ।ସେମାନଙ୍କ ସାଧନା ଓ ଅଧ୍ୟବସାୟ ବଳରେ ସେମାନେ ଯେପରି ଅମର ସାହିତ୍ୟ ରଚନା କରିଯାଇଛନ୍ତି ତାହା ପ୍ରତ୍ୟେକ ଓଡିଆକୁ ଗବୀତ କରିଥାଏ ।ତେଣୁ ସେହି ଉତ୍କଳୀୟ ଉତ୍ତରାଧିକାରୀ ଆଜିର ଶିଶୁଙ୍କୁ ଉତ୍କଳର ସୁଯୋଗ୍ୟ ଦାୟାଦ ହବୋପାଇଁ କବୀ ପ୍ରରେଣା ପ୍ରଦାନ କରିଛନ୍ତ ।